# DAV PUBLIC SCHOOL, POKHARIPUT, BHUBANESWAR

## PERIODIC ASSESSMENT -1 (2021-22)

## CLASS-III

## SUBJECT: HIGHER ODIA

**Time – 40 minutes** **Maximum Marks - 20**

**SEC ---------------- ROLL NO --------------- SCH NO------------**

**NAME -----------------------------------------------**

**General Instruction:**

1. **Read the question thoroughly.**
2. **Be careful while choosing and responding your option .**
3. **Leave the browser only after submitting successfully.**

୧. ଅନୁଚ୍ଛେଦଟିକୁ ପଢ଼ି ଉତ୍ତର ଲେଖ ।

ସୁବର୍ଣ୍ଣପୁର ଗ୍ରାମରେ କପିଳ ନାମରେ ଜଣେ ବ୍ୟକ୍ତି ବାସ କରୁଥିଲେ | ତାଙ୍କର ଚାରି ପୁଅ ଥିଲେ | କିନ୍ତୁ ପୁଅମାନେ କୌଣସି କାମଧନ୍ଦା ନ କରି , ଖେଳାବୁଲା ରେ ସମୟ ନଷ୍ଟ କରୁଥିଲେ | ସେମାନଙ୍କର ଭବିଷ୍ୟତ କଥା ଭାବି , ସେ ଅତ୍ୟନ୍ତ ଚିନ୍ତିତ ରହୁଥିଲେ | ଦିନେ ସେ ଗୋଟିଏ ବିଶେଷ ଖବର ଦେବା ପାଇଁ ତାଙ୍କ ଚାରିପୁତ୍ରଙ୍କୁ ପାଖକୁ ଡାକିଲେ | ପୁଅମାନେ ଆସିବାପରେ ସେ ଜଣାଇଲେ ଯେ , ତାଙ୍କ ଘର ପଛପାଖ ଜମିରେ ସେ ବହୁ ଧନ ସମ୍ପତ୍ତି ଲୁଚାଇ ରଖିଛନ୍ତି | ଯଦି ସେମାନଙ୍କର ଧନୀ ହେବାର ଇଚ୍ଛା ଥାଏ , ତେବେ ସେମାନେ ଜମି ଖୋଳିଲେ , ତାହା ପାଇପାରିବେ | ପରିଶ୍ରମ କରିବାକୁ ଚାହୁଁନଥିବାରୁ ସେମାନେ , ବାପାଙ୍କ କଥାକୁ କୌଣସି ଗୁରୁତ୍ୱ ଦେଲେନାହିଁ | କିନ୍ତୁ ସବୁଦିନ ତ ,ସମାନ ଯାଏନାହିଁ | କପିଳ ସମୟକ୍ରମେ ବୁଢା ହୋଇଗଲେ | ଆଉ ପୂର୍ବ ଭଳି କାମ କରି ପାରିଲେ ନାହିଁ | ଅର୍ଥାଭାବ ଦେଖାଦେବାରୁ ପୁଅମାନେ ଧନସମ୍ପତ୍ତି ପାଇବା ପାଇଁ ଜମି ଖୋଳିବାରେ ଲାଗିପଡ଼ିଲେ |

୧) କପିଳଙ୍କର ଧନସମ୍ପତ୍ତିକେଉଁଠାରେ ରଖିଛନ୍ତି ବୋଲି ସେ ପୁଅମାନକୁ ଜଣାଇଲେ?

i) ଗ୍ରାମର ଶେଷସୀମାରେ ii) ଘର ପଛପଟ ଜମିର ମାଟିତଳେ

iii) କୋଉଠି ନଥିଲା iv) ଘର ପାଖ ବଗିଚାରେ

୨)କପିଳ କାହିଁକି ଚିନ୍ତିତ ରହୁଥିଲେ ?

i) ପୁଅମାନେ ଅଳସୁଆ ଥିଲେ ii) ସେମାନେ ବଡ ହେଲେ କିପରି ଚଳିବେ ସେ କଥା ଭାବି

iii) ପୁଅମାନେ ସମୟ ନଷ୍ଟ କରୁଥିଲେ iv)ଉପର ତିନୋଟିଯାକ କଥା ଠିକ

୩)କପିଳ ପୂର୍ବ ଭଳି କାମ କରି ନ ପାରିବାର କାରଣ କଅଣ ?

i)ଇଛା ନ ଥିଲା ii) ସେ ବୁଢା ହୋଇ ଗଲେ iii) ସମୟ ହୋଇଯିବାରୁ iv) ପୁଅମାନେ ବଡ ହୋଇ ଗଲେ

୪)ଟଙ୍କାପଇସାର ଅଭାବ କୁ ବୁଝାଉଥିବା ଶବ୍ଦଟିକୁ ଅନୁଛେଦରୁ ବାଛି ଲେଖ |

i) ବିଶେଷ ii) ଭବିଷ୍ୟତ iii) ଧନସମ୍ପତ୍ତି iv) ଅର୍ଥାଭାବ

୫) ଗରିବ ଶବ୍ଦ ର ବିପରୀତାର୍ଥବୋଧକ ଶବ୍ଦ ଅନୁଛେଦରୁ ବାଛି ଲେଖ |

i) ଧନୀ ii) ଧନସମ୍ପତ୍ତି iii) ସୁବର୍ଣ୍ଣ iv) ଧନହୀନ

୬.'ଯିଏ ଚିକିତ୍ସା କରନ୍ତି' , ସେ – ଗୋଟିଏ ଶବ୍ଦରେ ପ୍ରକାଶ କର |

(କ) ଡାକ୍ତର ଖ) ବଇଦ ଗ) ଔଷଧ ଘ) ଚିକିତ୍ସକ

୭. କେଉଁଟି ସମୁଦ୍ରର ପ୍ରତିଶବ୍ଦ ନୁହେଁ?

(କ) ଲହରୀ (ଖ) ସାଗର (ଗ) ସିନ୍ଧୁ (ଘ) ଦରିଆ

୮. କେଉଁଟି ପ୍ରତିଜ୍ଞା ଶବ୍ଦର ପ୍ରତିଶବ୍ଦ ଅଟେ?

(କ) ସଙ୍କଳ୍ପ (ଖ) ଶପଥ (ଗ) ପଣ (ଘ) ତିନୋଟିଯାକ

୯. ପାଠ ଶବ୍ଦର ନୂଆ ରୂପ ଲେଖ ।

(କ) ପାଠପଢ଼ିବା (ଖ) ପଠିତ (ଗ) ପାଠିତ (ଘ) ପଢ଼ାପଢ଼ି

୧୦. ଚିନ୍ତିତ ଶବ୍ଦର ମୂଳ ଶବ୍ଦ -

(କ) ଅଚିନ୍ତା (ଖ) ଚିନ୍ତାଶୀଳ (ଗ) ଚିନ୍ତା (ଘ) ଚିନ୍ତାରୂପ

୧୧. ମାଙ୍କଡ଼ମାନେ ଧରାଧରି ହୋଇ ଲଟକିଲା ବେଳେ ହଠାତ୍ ଡାଳଟି ମଡ୍ କରି ଭାଙ୍ଗିଗଲା । ସେଥିପାଇଁ ସେମାନେ ପାଣିଭିତରେ ଦେଖାଯାଉଥିବା ଜହ୍ନକୁ ଧରିପାରିଲେ ନାହିଁ ।

(କ) ଠିକ(ଖ) ଭୁଲ

୧୨. ଗାନ୍ଧିଜୀଙ୍କ ବିଷୟରେ ନିମ୍ନରେ ଦିଆଯାଇଥିବା ତଥ୍ୟ ମଧ୍ୟରୁ କେଉଁଟି ଭୁଲ ଅଟେ?

(କ) ଗାନ୍ଧିଜୀ ଅକ୍ଟୋବର ମାସ ଦୁଇ ତାରିଖ ଦିନ ଜନ୍ମଗ୍ରହଣ କରିଥିଲେ |

(ଖ) ଗାନ୍ଧିଜୀଙ୍କ ପତ୍ନୀଙ୍କର ନାମ କସ୍ତୁରବା |

(ଗ) ତାଙ୍କର ପୂରାନାମ ମୋହନ ଦାସ କରମଚାନ୍ଦ ଗାନ୍ଧି |

(ଘ) ତାଙ୍କୁ ସମସ୍ତେ ଗୁରୁଜୀ ମଧ ଡାକୁଥିଲେ |

୧୩.ଆମେ ଯାହା ଅନ୍ୟକୁ କହୁ, ପ୍ରଥମେ ନିଜେ କରି ଦେଖାଇବା ଉଚିତ । ତେବେ ଯାଇ ଏହା ଅନ୍ୟମାନଙ୍କ ଉପରେ ପ୍ରଭାବ ପକାଇବ ।

(କ) ଠିକ(ଖ) ଭୁଲ

ଶୂନ୍ୟସ୍ଥାନ ପୂରଣ କର । (ବାରମ୍ବାର, ଉପଦେଶ, ବିହଙ୍ଗ, ପୁରୁବ)

୧୪. ଭୋର ସମୟରେ ଆକାଶରେ ------ ମାନେ ଉଡ଼ିଯାଉଥାନ୍ତି ।

୧୫.ଆମେ ବଡ଼ମାନଙ୍କର ---------- କୁ ପାଳନ କରିବା ଉଚିତ ।

ଯୋଗ କର ।

୧୬.ନିଷ୍ପତ୍ତି ଚିନ୍ତା କରିବା

ସବୁଜଗଛ

୧୭. ପାଞ୍ଚିବା ଧାନ କରିବା

୧୮. ଶ୍ୟାମଳ ତରୁ ସ୍ଥିର କରିବା

ନୀଳ ସାଗର

୧୯.ସେହି ମୋ ପ୍ରିୟ ଜନମଭୂମି କବିତାରେ ଜନ୍ମଭୂମି ଆମକୁ କାହା ଭଳି ପାଳନ କରୁଛି ବୋଲି ଲେଖାଯାଇଛି?

(କ) ପିତା (ଖ) ପୃଥିବୀ (ଗ) ମାତା (ଘ) ଭାଇଭଉଣୀ

୨୦. ଚିତ୍ରକୁ ଦେଖି ଠିକ ଶବ୍ଦଟି ବାଛ |



କ) ଧଳା ଖ) ବାସ୍ନା ଗ) କୁସୁମ ଘ) ସୁନ୍ଦର

---------------------------------------------------------------------------